ISSN -2583-147X(P), **Vol.- 8, Issue No.XII, March 2023**
**Bastabatara Pariprakash Prachee**
***Peer Reviewed and Referred Research Journal***

# ପ୍ରାଚୀନ ଓଡ଼ିଆ ସାହିତ୍ୟର ଅନୁପମ ବିଭବ : 'ରୁଦ୍ର ସୁଧାନିଧି'

## ଡ. ଗୋବିନ୍ଦ ଚନ୍ଦ୍ର ପେଣ୍ଡୋଇ

ଓଡ଼ିଆ ସାହିତ୍ୟ ସରିତାର ଆଦି ଉଦ୍‌ଗମ ସ୍ପନ୍ଦନବିନ୍ଦୁରୁ ଆଗକୁ ଆଗକୁ କ୍ରମଶଃ ଗତି କଲେ ଯେଉଁ ବିଶାଳ ପଦ୍ୟ ସମୁଦ୍ରର ସାନ୍ଦ୍ରିଭୂତ ଶୁଭ୍ରଧବଳ ବିଶାଳ ଗଦ୍ୟର ହିମାଳୟ ଦୃଷ୍ଟିଗୋଚର ହୁଏ ତାହା ନାରାୟଣାନନ୍ଦ ଅବଧୂତ ସ୍ୱାମୀଙ୍କ ରଚିତ 'ରୁଦ୍ର ସୁଧାନିଧି' ନିଶ୍ଚିନ୍ତ ଭାବରେ ପ୍ରାଚୀନ ଓଡ଼ିଆ ସାହିତ୍ୟର ଏକ ଅନୁପମ ବିଭବ । ଗଦ୍ୟ ପଦ୍ୟର ସମ୍ମିଶ୍ରିତ ଏକ ଅପୂର୍ବ କାବ୍ୟମାନସର ସୃଷ୍ଟି । ବିସ୍ମିତ ହେବାକୁ ପଡ଼େ ଏହାର ଅପୂର୍ବ ଶବ୍ଦ ସୃଜନ ଓ ସଂଯୋଜନାକୁ ନେଇ । ଭାବରାଜ୍ୟରେ ଅତୀତ ଓ ବର୍ତ୍ତମାନର ଏକ ଫେଣ୍ଟାଫେଣ୍ଟି ଛାଇ ଆଲୁଅର ଖେଳ ପରି ଏ ଦିବ୍ୟ ସାରସ୍ୱତ କୃତିଟି ଆମ ସାହିତ୍ୟ, ସଂସ୍କୃତି ତଥା ଆଧ୍ୟାତ୍ମିକ ଚେତନାର ଅଦ୍ୱିତୀୟ ପରିପ୍ରକାଶ କାଳ୍ପନିକ କଥାବସ୍ତୁକୁ ନେଇ ନାରାୟଣାନନ୍ଦ ଅବଧୂତ ସ୍ୱାମୀ ଏଥିରେ ଶୈବ ଧର୍ମର ନିଗୂଢ଼ ଯୋଗତତ୍ତ୍ୱ, ତାତ୍କାଳୀନ ଆଧ୍ୟାତ୍ମିକ ଚେତନା, ସାମାଜିକ ଜୀବନବୋଧକୁ ରୂପାୟିତ କରିଛନ୍ତି । ଏଥିରେ କେତେବେଳେ ପଦ୍ୟର ନୂପୁର ଧ୍ୱନିରେ ନିକ୍ୱଣିତ ତ କେତେବେଳେ ଗଦ୍ୟର ପଦପାତରେ ତରଙ୍ଗାୟିତ, ବଡ଼ ବିଲକ୍ଷଣ ଏହାର ଛନ୍ଦାୟିତ ଗତି । କେଉଁଠି ସ୍ରଷ୍ଟାଙ୍କ ଉଲ୍ଲସିତ କାବ୍ୟମାନସ କବିତାର ଶବ୍ଦରେ ଶବ୍ଦାୟିତ ତ କେଉଁଠି ଗଦ୍ୟର ନିଥର ଗାମ୍ଭୀର୍ଯ୍ୟରେ ନିରବିତ । ଅନ୍ୟ ଭାଷାରେ କହିବାକୁ ଗଲେ ଆଜିର ଆଧୁନିକ କବିତାର ଏନ୍ତୁଡ଼ିଶାଳା 'ରୁଦ୍ରସୁଧାନିଧି' । ନିର୍ଗୁଣ ତତ୍ତ୍ୱ ସହିତ ଛନ୍ଦ, ଲୟ ଓ ଆଳଙ୍କାରିକ ମହିମାରେ ବିମଣ୍ଡିତ ଏକ ଗଦ୍ୟ ପଦ୍ୟାତ୍ମକ ସୃଷ୍ଟି ଆମ ସାହିତ୍ୟଜଗତର ଏକ ଅମୂଲ୍ୟ କୃତି । ଡ. ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ମତରେ ବାସ୍ତବିକ ଏହା ଏକ ଚମତ୍କାର ପ୍ରାଚୀନ ଓଡ଼ିଆ ଗଦ୍ୟ ରଚନା । କେହି କେହି ଏହାକୁ ପଦ୍ୟ ରଚନା ବୋଲି କୁହନ୍ତି । କିନ୍ତୁ ଏହା ଗଦ୍ୟ ଓ ପଦ୍ୟର ଏକ ବିଚିତ୍ର ସମନ୍ୱୟ । ଏହାକୁ ପଦ୍ୟମୟୀ ଗଦ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ ଓ ଗଦ୍ୟରେ ପଦ୍ୟ ସହିତ ନିଗୁଣ ପରିସ୍ଫୁଟନର ଏକ ସାର୍ଥକ ଉଦ୍ୟମ କହିଲେ ଅତ୍ୟୁକ୍ତି ହେବ ନାହିଁ । ନାରାୟଣାନନ୍ଦ ଅବଧୂତ ସ୍ୱାମୀ ତାଙ୍କ ଗଭୀର ପ୍ରଜ୍ଞା, ସାହିତ୍ୟିକ ଜ୍ଞାନ, କବିତ୍ୱର ଅପୂର୍ବ ଚାତୁରିର ସମନ୍ୱୟରେ ବିମଣ୍ଡିତ ହୋଇଛି 'ରୁଦ୍ରସୁଧାନିଧି' ।

ଅବଶ୍ୟ ପ୍ରାଚୀନ ସମୟରେ ଗଦ୍ୟ ଅଥବା ପଦ୍ୟର ପ୍ରୟୋଗ ସାହିତ୍ୟ କ୍ଷେତ୍ରରେ କାହାର ବୈଶିଷ୍ଟ୍ୟ କେତେ ଥିଲା ତାହା ନିର୍ଣ୍ଣୟ କରିବା ଭିନ୍ନ କଥା କିନ୍ତୁ ଦଶମ ଶତାବ୍ଦୀ ବେଳପରଠାରୁ ସମ୍ଭବତଃ ପଦ୍ୟ ଓ ଗଦ୍ୟର ମିଶ୍ରିତ ଅପଭ୍ରଷ୍ଟ ସାହିତ୍ୟ ସୃଷ୍ଟି ଲାଭ କରିଥିଲା ଏହି ଯୁଗକୁ ଓଡ଼ିଆ ଗଦ୍ୟ ସାହିତ୍ୟର ଉନ୍ମେଷ କାଳ କହିଲେ ଚଳେ । ଯଦିବା ଏକାଦଶ ଶତାବ୍ଦୀ ବେଳକୁ ପର୍ଯ୍ୟାପ୍ତ ଗଦ୍ୟସାହିତ୍ୟ ସୃଷ୍ଟି ହୋଇନଥିଲେ ବି ୧୦୫୧ ଖ୍ରୀଷ୍ଟାବ୍ଦରେ ବଜ୍ରହସ୍ତଦେବଙ୍କ ଉରଜାମ୍ ଶିଳାଲେଖରେ ଗଦ୍ୟର ବ୍ୟବହାରିକ ରୂପ ଅଭିବ୍ୟକ୍ତ ହୋଇଥିଲା ।

ଶିଶୁବେଦରେ ମଧ୍ୟ ଗଦ୍ୟର ପରିପ୍ରକାଶ ଘଟିଛି । ଶିଶୁବେଦ ନାଥ ସାହିତ୍ୟର ଏକ ଅମୂଲ୍ୟ କୃତି । ଏଥିରେ ଆତ୍ମତତ୍ତ୍ୱ, ପଂଚତତ୍ତ୍ୱ ଶରୀର ଭେଦ, ଜୀବ ପରମତତ୍ତ୍ୱ, ମନ, କର୍ମ, ମନକୁ ସ୍ଥିର କରି ପରଂବ୍ରହ୍ମ ତତ୍ତ୍ୱକୁ ଉପଲବ୍ଧି କରିବାର ଗୂଢ଼ ଜ୍ଞାନ ଗଦ୍ୟାତ୍ମକ ରୀତିରେ ବର୍ଣ୍ଣିତ ହୋଇଛି ।

ଉଦାହରଣ- ଶୁଣ ମଛେନ୍ଦ୍ରେଳି, ଆତ୍ମାର ବିଚାର, ଏହି ସେ ଆତ୍ମା ଜଗତ ଯାକେ ବ୍ୟାପିଛି, ଏ ପୁଣ ଉଦାସ ହିଁ ଅଟଇ ଏହି ସେ ପଂଚଭୂତ ଆତ୍ମା ଅଟଇ । ଶୁଣ ପୁତା ଦୁଧର ଭିତରେ ଘିଅ ଯେହ୍ନେ ଥାଇ ତେହ୍ନେକ ପ୍ରକାରେ ହୋଇ । ଏ ଘଟରେ ଆତ୍ମା ଗୁପତ ।

ସେହିଭଳି ମାଦଳାପାଞ୍ଜି ପ୍ରାଚୀନ ଓଡ଼ିଆ ଗଦ୍ୟର ଏକ ଶ୍ରେଷ୍ଠ ନିଦର୍ଶନ । ଯଦିବା ଏହା ଏକ ବିବାଦୀୟ ବିଷୟ ତଥାପି ଅନେକ ଗବେଷକ ଏହା ଏକାଦଶ ଶତାବ୍ଦୀ ବୋଲି ମତବ୍ୟକ୍ତ କରନ୍ତି । ଯଥା- ପ୍ୟାରୀମୋହନ ଆଚାର୍ଯ୍ୟ, ଆର୍ତ୍ତବଲ୍ଲଭ ମହାନ୍ତି, ସୂର୍ଯ୍ୟନାରାୟଣ ଦାସ, ଜଗବନ୍ଧୁ ସିଂହ, କୃପାସିନ୍ଧୁ ମିଶ୍ର – ଏମାନଙ୍କ ମତରେ ଚୋଳଗଙ୍ଗଦେବଙ୍କ ଠାରୁ ମାଦଳାପାଞ୍ଜିର ଲିଖନ କ୍ରମ ଆରମ୍ଭ ହୋଇଛି ।

ଧୀରେ ଧୀରେ ଓଡ଼ିଆ ସାହିତ୍ୟରେ ଗଦ୍ୟ ରଚନା ବଳିଷ୍ଠତାର ରୂପ ଧାରଣ କରି ୧୬ଶତାବ୍ଦୀରେ ବହୁଳଭାବରେ ପ୍ରଚଳିତ ହେଲା 'ଜ୍ଞାନ ଚୂଡ଼ାମଣି' ଗ୍ରନ୍ଥରେ- ସୂକ୍ଷ୍ମ ଶରୀର ସମ୍ବନ୍ଧୀୟ ବର୍ଣ୍ଣନା, ଇଡ଼ା, ପିଙ୍ଗଳା, ସୁଷୁମ୍ନା ନାଡ଼ି, ବ୍ରହ୍ମରନ୍ଧ୍ର, ଜୀବ ପରମ ତତ୍ତ୍ୱ, ହଂସଯୋଗ, ପ୍ରାଣାୟମ ସୂତ୍ର ସହିତ ଅଜପା ତତ୍ତ୍ୱର ଗୁହ୍ୟ ଜ୍ଞାନକୁ ବଳରାମ ଦାସ ସୁନ୍ଦର ଭାବରେ ଅଭିବ୍ୟକ୍ତି କରିଛନ୍ତି । ପୂରକ, କୁମ୍ଭକ ଓ ରେଚକ ପ୍ରଣାଳୀ ଦ୍ୱାରା ଅହରହ ନିଜ ଅନ୍ତଃକରଣରୁ ନିନାଦିତ ଅନାଦି ନାଦ ତତ୍ତ୍ୱ 'ସୋଽହଂ' ଅର୍ଥାତ୍ ମୁହିଁ ବ୍ରହ୍ମତତ୍ତ୍ୱର ସାଧନ ପ୍ରଣାଳୀ ସେ ଗଦ୍ୟାତ୍ମକ ଶୈଳୀରେ ଉପସ୍ଥାପନ କରିଯାଇଛନ୍ତି । 'ବ୍ରହ୍ମାଣ୍ଡ ଭୂଗୋଳ' ମଧ୍ୟ ତାଙ୍କର ପଦ୍ୟାତ୍ମକ ଗଦ୍ୟଶୈଳୀ ଅଟେ । ସେ ସମ୍ବନ୍ଧରେ ସମଗ୍ର ବୈଷ୍ଣବ ସାହିତ୍ୟ ଗଦ୍ୟରେ ଅଭିବ୍ୟକ୍ତ ହେଉଥିଲା । ପଂଚସଖା ସାହିତ୍ୟର ଅନ୍ୟାନ୍ୟ ସାଧକଗଣ ସେମାନଙ୍କ ରଚିତ ଗ୍ରନ୍ଥ ନିଗୂଢ଼ ତଥ୍ୟର ବୋଧଗମ୍ୟତା ପାଇଁ ସରଳ ଗଦ୍ୟାଂଶର ବ୍ୟବହାର କରୁଥିଲେ, ଯାହାଫଳରେ ସମୟର ବିବର୍ତ୍ତନ ଧାରାରେ ଏକ ସମୃଦ୍ଧ ଗଦ୍ୟ ସାହିତ୍ୟ ଆତ୍ମପ୍ରକାଶ କରିଉଠିଥିଲା ।

ସୋମନାଥ ବ୍ରତ, ସୁଦଶା ବ୍ରତ, ଅନନ୍ତବ୍ରତର କାହାଣୀଗୁଡ଼ିକ ଅତ୍ୟନ୍ତ ସହଜ, ସରଳ ଓ ନିରାଡ଼ମ୍ବର ଭାବରେ ସାଧାରଣ ଜନତାଙ୍କ ବୋଧଗମ୍ୟତା ଦୃଷ୍ଟିରୁ ଏଗୁଡ଼ିକର ବର୍ଣ୍ଣନା, ଭାବଚେତନା ଓ ଚିତ୍ରମୟତା ସରଳଭାବରେ ଗଦ୍ୟ ରୂପରେ ପ୍ରକାଶିତ ହେଉଥିଲା ।

୧୮ଶ ଶତାବ୍ଦୀରେ ଲିଖିତ କୁକୁଟୀ ବ୍ରତର ଭାଷା ଅତ୍ୟନ୍ତ ଉଚ୍ଚକୋଟିର ଥିଲା । କୃଷ୍ଣ ଯୁଧିଷ୍ଠିର ସମ୍ବାଦ ଶୈଳୀରେ ରଚିତ ଏହା ଏକ ସୁନ୍ଦର ସାବଲୀଳ ପ୍ରେରଣାପ୍ରଦାୟକ ବ୍ରତ କଥା ।

ଶରଣ ଦାସଙ୍କ ଚାଚେରୀ ଲୀଳା ସପ୍ତଦଶ ଶତାବ୍ଦୀର ଏକ ସୁନ୍ଦର ଗଦ୍ୟପଦ୍ୟଧର୍ମୀ କାଳ୍ପନିକ କଥାବସ୍ତୁ । ଶ୍ରୀରାଧାଙ୍କ ରୂପଲାବଣ୍ୟ ବର୍ଣ୍ଣନା ସହିତ ପ୍ରକୃତି ସ୍ୱରୂପିଣୀ ମହାମାୟୀ ଚେତନାର ଦିବ୍ୟତା ଏବଂ ଜନଜୀବନର ବାସ୍ତବ ସାମାଜିକ ଚିତ୍ରର ସାମଞ୍ଜସ୍ୟକୁ ବହୁ ସୁନ୍ଦର ଭାବରେ କବି ଚିତ୍ରିତ କରିଛନ୍ତି ।

ସମୟ ସ୍ରୋତରେ ଅନେକ ସଂସ୍କୃତ ସାହିତ୍ୟ ଓଡ଼ିଆ ଗଦ୍ୟରେ ଅନୁବାଦ ହୋଇଛି । ଗୀତଗୋବିନ୍ଦ, ହିତୋପଦେଶ, ବତିଶ ସିଂହାସନ, ପଞ୍ଚତନ୍ତ୍ର ଆଦି ଗ୍ରନ୍ଥ ଜନମାନସରେ ତା'ର ଜୀବନ୍ତ ଛବି ଛାଡ଼ି ଦେଇଯାଇଛି । ଏହାବ୍ୟତୀତ ଚକଡ଼ା ବସାଣ, ଚକଡ଼ା ପୋଥି, ଚଇନିକ ଚକଡ଼ା, କଳାହାଣ୍ଡି ମଦଳ, ଲାବଣ୍ୟବତୀର ଟିକା, ସାମନ୍ତ ପଂକ, ଚତୁର ବିନୋଦ ଗଦ୍ୟ-ପଦ୍ୟାଦର୍ଶର ଉତ୍କୃଷ୍ଟ ଉଦାହରଣ । ଧୀରେ ଧୀରେ ଖ୍ରୀଷ୍ଟଧର୍ମର ପ୍ରଚାର, ଗଦ୍ୟ ସାହିତ୍ୟକୁ ଆହୁରି ସମୃଦ୍ଧ କରିବାରେ ଲାଗିଲା ।

**ରୁଦ୍ରସୁଧାନିଧିର କଥାବସ୍ତୁ :**

ନିଘଞ୍ଚ ଅରଣ୍ୟ ବେଷ୍ଟିତ କପିଳାସର ସୁରମ୍ୟ ବାତାବରଣରେ ଶିବ ପାର୍ବତୀଙ୍କ ସହିତ ଉପବେଶନ କରିଥିଲେ ଏବଂ ଚତୁଃର୍ଦ୍ଦିଗରେ ସିଦ୍ଧ ରୁଦ୍ରମାନେ ମହାନନ୍ଦରେ ନିମଗ୍ନ ଥିଲେ । ରୁଦ୍ରମାନଙ୍କ ସାଧନାର ଗଭୀରତା ଓ ସ୍ତରକୁ ଜାଣିବା ପାଇଁ ଏକଦା ଶିବଙ୍କ ମନରେ ବିଚାର ଆସିଲା । ପରୀକ୍ଷା କରିବା ପାଇଁ ପାର୍ବତୀଙ୍କୁ କହିଲେ- ହେ ଦେବୀ ! ଆପଣଙ୍କ ମନରୁ ଏକ ଅପୂର୍ବ ସୁନ୍ଦରୀ କନ୍ୟା ଜାତ କରନ୍ତୁ ।

ଶିବଙ୍କ ଅନୁରୋଧ ରକ୍ଷାକରି ପାର୍ବତୀ ଏକ ଅପରୂପ ସୁନ୍ଦରୀ ମୋହିନୀ କନ୍ୟା ଜାତ କଲେ । ଏହି ମୋହିନୀ କନ୍ୟାକୁ ଦେଖିଲା ମାତ୍ରେ ରୁଦ୍ରଗଣଙ୍କ ମନ ବିଚଳିତ ହୋଇଗଲା । କିନ୍ତୁ ଦୃଢ଼ତା ପୂର୍ବକ ମନ ଓ ଦେହକୁ ସଂଯମ କରି ସେମାନେ ମାୟା ଅତିକ୍ରମ କରିଗଲେ । କିନ୍ତୁ ଅଭିନବ ଚୈତନ୍ୟଙ୍କର ଧର୍ଯ୍ୟଚ୍ୟୁତି ଘଟିଲା ସେ ବିମୋହିତ ହୋଇଗଲେ । ଏକ ଅଜଣା ନଦୀର ବେଗବତୀ ବନ୍ୟାରେ ଭାସିଗଲା ପରି ସେ ଅସହାୟ ଭାବରେ ନିଜକୁ ସଂଯମ କରିପାରି ନଥିଲେ । ତାଙ୍କର ଏ ଅବସ୍ଥା ଦେଖି ଶିବ ତାଙ୍କୁ ମର୍ତ୍ତ୍ୟରେ ପୁଣି ଦେହ ଧାରଣ କରିବାକୁ ନିର୍ଦ୍ଦେଶ ଦେଲେ । ଯେହେତୁ ତୁମେ ଯୋଗସାଧନା କରୁ କରୁ ଯୋଗଭ୍ରଷ୍ଟ ହୋଇଛ ତେଣୁ ତୁମେ ଉଚ୍ଚ ରାଜକୁଳରେ ଜନ୍ମଲାଭ କରିବା ସହିତ ସେହି ଅପୂର୍ବ ସୁନ୍ଦରୀକୁ ପ୍ରାପ୍ତ ହେବ । ଅଭିନବ ଚୈତନ୍ୟ

ଦୁଃଖିତ ହୋଇ ଶିବଙ୍କୁ ପଶ୍ଚାତାପରେ ସ୍ତୁତି କଲା ଶିବ କହିଲେ ମର୍ତ୍ତ୍ୟରେ ଇନ୍ଦ୍ରଙ୍କ ରାଜଭୋଗ ପରେ ତୁମର ମୁକ୍ତି ହେବ ।

ଏହାପରେ ବସୁଧା ମଣ୍ଡନ ନାମକ ରାଜ୍ୟର ରାଜା ଅନଙ୍ଗ ପଦ୍ମାକର ଓ ପାଟରାଣୀ ଶଶିପ୍ରଭାଙ୍କ ଗର୍ଭରେ ଅଭିନବ ଚୈତନ୍ୟଙ୍କର ଜନ୍ମ ହୋଇଛି ।

ପାର୍ବତୀଙ୍କ ନିର୍ଦ୍ଦେଶରେ ମୋହିନୀ କନ୍ୟା ମାନସରୋବର କୂଳରେ ତପସ୍ୟା କଲା ଏବଂ କିଛିଦିନ ପରେ ରାଜା ଧର୍ମଧ୍ୱଜ ନିଜ ରାଣୀ କୋକିଳାବତୀଙ୍କ ଗର୍ଭରେ ମହାଲକ୍ଷ୍ମୀ ଆଶୀର୍ବାଦପ୍ରାପ୍ତ ସ୍ୱରୂପ ମୃତ ସଞ୍ଜିବକରଣୀ କନ୍ୟାର ଆବିର୍ଭାବ ହେଲା ।

ରାଣୀ ଶଶିପ୍ରଭାଙ୍କ ଗର୍ଭରେ ବଢୁଥିବା ଯୋଗଦୀପ୍ତ ସନ୍ତାନକୁ ଜଣେ ଅବଧୂତ ଜାଣିପାରିଲେ ଏବଂ ତାକୁ ନିଜର ଶିଷ୍ୟ କରିବାକୁ ଭାବି ରାଣୀଙ୍କ କାନବାଟେ ସେ 'ଅପାନ ପବନ' ମାଧ୍ୟମରେ ପ୍ରବେଶ କରି ଶିଶୁର ଦିବ୍ୟଜ୍ଞାନକୁ ଜାଣିପାରିଲେ । ବୈଶାଖ ଶୁକ୍ଳ ତ୍ରୟୋଦଶୀର ପୁଣ୍ୟତିଥିର ଦିବ୍ୟ ଅବସରରେ ରାଣୀଙ୍କ କୋଳମଣ୍ଡନ କରିବା ପାଇଁ ଯେଉଁ ଦିବ୍ୟ ଶିଶୁଙ୍କ ଧରାବକ୍ଷରେ ଅବତରଣ ହେଲା ସେ ଥିଲେ ଅଭିନବ ଚୈତନ୍ୟ ଏବଂ ତାଙ୍କର ଜନ୍ମଲଗ୍ନ ଉଚ୍ଚକୋଟିର ଥିଲା ଏବଂ ଚକ୍ରବର୍ତ୍ତୀ ଯୋଗ ଥିଲା ।

ଶିଶୁର ଜନ୍ମ ଦେଖି ସୁତକ ହରିଣୀ ଏକ ଭୟଙ୍କର ମୁଖି ଛୁଆକୁ ନେବା ପାଇଁ ଆସିଲା । ତା'ର ଜିହ୍ୱା ବିଜୁଳି ପ୍ରାୟ ଦୁଇ ଚକ୍ଷୁ ପିଙ୍ଗଳାକାର, ଆଣ୍ଠୁ ପର୍ଯ୍ୟନ୍ତ ଲମ୍ବ ସ୍ତନ, କୃଷ୍ଣବସ୍ତ୍ର, ଓଠଗୁଡ଼ିକ ଜାମୁକୋଳି ଭଳି କଳା । ଏହା ଦେଖି ସେ କୁମର ପାର୍ବତୀଙ୍କୁ ସ୍ମରଣ କରି ମେରୁ ମୁଦ୍ରା ଆଚରି ଅଚଳ ଭାବେ ରହିଲା । ସେ ପିଶାଚୀ ଯେତେ ଚେଷ୍ଟା କରି ମଧ୍ୟ ତାକୁ ଭୂଇଁରୁ ଉଠାଇ ପାରିଲା ନାହିଁ । ଏହାପରେ ସୁତିକ ହରିଣୀ ଆଶ୍ଚର୍ଯ୍ୟ ହୋଇଲା । କୁମର ତାକୁ ଉପଦେଶ ଦେଲେ, ସୁତକ ତାହା ଶୁଣି ଧନ୍ୟ ହେଲି ବୋଲି କହିଲା । କୁମର ତାକୁ ଧନ୍ୟ ହୋଇ ସେବା କରିବାକୁ କହିଲେ । ଦିବ୍ୟଜ୍ଞାନ ଶୁଣି ସୂତକ ହରିଣୀ ଦିବ୍ୟଦେହ ଧାରଣ କଲା ।

ସନ୍ତାନର ଜନ୍ମରେ ରାଜ୍ୟରେ ଆନନ୍ଦର ଲହରୀ ଖେଳିଗଲା ଓ ଶିଶୁର ନାମ ରୁଦ୍ର ସୁଧାନିଧି ଦେଲେ । ଶିଶୁ ଶିବୋହଂ ଶିବୋହଂ ଶବ୍ଦରେ କ୍ରନ୍ଦନ କଲା । ଧୀରେ ଧୀରେ ସନ୍ତ୍ୟପାନ ସହିତ ତା' ଦେହରେ ମାୟା ପ୍ରବେଶ ହେଲା । ଧୀରେ ଧୀରେ ଅଭିନବ ଚୈତନ୍ୟ ଦିବ୍ୟଲାଭ କଲେ । ବ୍ୟାକରଣ, ଗୀତା, ପୁରାଣ, ବେଦ, ଚିକିତ୍ସା, ସାମୁଦ୍ରିକ ଶିକ୍ଷ, ଚିତ୍ର ସମସ୍ତ ବିଦ୍ୟାରେ ସେ ନିପୁଣ ହେଲା । ସମସ୍ତ ଅସ୍ତ୍ରବିଦ୍ୟାରେ ପାରଙ୍ଗମ ହେଲା । ଅଭିନବ ଚୈତନ୍ୟ ପାଇଁ କନ୍ୟା ଖୋଜାଗଲା । ବିଭିନ୍ନ ଦିଗକୁ ଦୂତମାନେ ଗଲେ ବିଭିନ୍ନ ଦେଶ ଦେଶାନ୍ତର ଦ୍ୱୀପ ଦ୍ୱୀପାନ୍ତରେ ଉପଯୁକ୍ତ ଲକ୍ଷଣଯୁକ୍ତ କନ୍ୟା ପାଇଲେ ନାହିଁ ।

ଭୁବନେଶ୍ୱରୀ ଦେବୀଙ୍କୁ ସାଧନା କରି କାମାନନ୍ଦ ପ୍ରସନ୍ନ କଲା । ଦେବୀ ତାଙ୍କୁ ମୋକ୍ଷ ଦେବା ପାଇଁ କହିଲେ କିନ୍ତୁ କାମାନନ୍ଦ ଭୌତିକ ଇଚ୍ଛା କାମନା କରୁଥିଲା । କାମାନନ୍ଦ ଯୋଗ ସାଧନା କରି ନିଜ ଦେହକୁ କନ୍ଦର୍ପ ତୁଲ୍ୟ କରିଥିଲା । ସେ କାମାକ୍ଷା ମନ୍ତ୍ର ଉପାସନା କରି ବଶୀକରଣ ବିଦ୍ୟା ପାଇଛି । ସେ ସମସ୍ତ ଶକ୍ତି ସିଦ୍ଧ ହୋଇଛି । ପର୍ବତ ଚାଳନ ଶକ୍ତି, ଅପରାଜିତ ଶକ୍ତି, ସୂକ୍ଷ୍ମ ଶକ୍ତି, ବୁଦ୍ଧିଶକ୍ତି, ଖେଚରୀ ଶକ୍ତି ଇତ୍ୟାଦି ।

ଅନିଳ ଖଚର କାମାନନ୍ଦର ସଖା । ସେ ଆକାଶରେ ଉଡ଼ିପାରଇ, ଜଳରେ ବୁଡ଼ିପାରଇ । ସେ ଗୋଟିଏ ଭୂତ, ସକଳ ଶାସ୍ତ୍ର ଜାଣଇ । ଶୂନ୍ୟରେ ରହିପାରଇ, 'ଭୂତ ଚୂଡ଼ାମଣି ପଦ' ପାଇଛି । ସେ ଅତ୍ୟନ୍ତ ଶକ୍ତିଶାଳୀ ସାଧକ । କାମାନନ୍ଦ ଅବିଦ୍ୟା ମୃତ ସଞ୍ଜିବନୀ କନ୍ୟାର କଥା ଶୁଣିଲା ପରେ ତାକୁ ପାଇବା ପାଇଁ ଚେଷ୍ଟା କରିଛି ଏବଂ ପୃଥ୍ୱୀତିଳକ ରାଜ୍ୟକୁ ତା'ର ସମସ୍ତ ସୈନ୍ୟଦଳ ସହିତ ଯାତ୍ରା କରିଛି ଏବଂ ରାଜନଗର ନିକଟରେ ଏକ ନଦୀ ଯାହାର ନାମ ଉତ୍ତମ, ପାଖରେ ଥିବା ଆମ୍ବ ତୋଟାରେ ମାୟାନଗରୀ ନିର୍ମାଣ କରି ଅବସ୍ଥାନ କରିଛି । ସାଥିରେ ତା'ର ସମସ୍ତ ଭୂତଗଣ, ପିଶାଚ, ଚଣ୍ଡ ଆଦି ଅବସ୍ଥାନ କରିଛନ୍ତି । ଉଲ୍ଲୁକ ବିଦ୍ୟାରେ ବିରାଡ଼ି ରୂପ ଧାରଣ କରିପାରୁ ଥିବ । 'କଙ୍କାଳମୁଖା' ବେତାଳ କାମାନନ୍ଦର ନିର୍ଦ୍ଦେଶରେ ରାଜନଗର ମଧ୍ୟରେ ପ୍ରବେଶ କରି କନ୍ୟାର ସମସ୍ତ ଗତିବିଧି ନିରୀକ୍ଷଣ କରିଛି । ଏବଂ ରୁଦ୍ରସୁଧାନିଧି ପ୍ରତି ତା'ର ଅନାବିଳ ପ୍ରେମ ସମ୍ପର୍କ କାମାନନ୍ଦ ସାମ୍ନାରେ ପ୍ରକଟ କରିଛି, ନଗ୍ରର ଶୋଭା ବର୍ଣ୍ଣନ କରିଛି । ରାଜମାର୍ଗ, ହାଟ ପେଣ୍ଠ, ରଥ-ମହାରଥି, ଅଶ୍ୱଗଜ ସବୁର ବର୍ଣ୍ଣନା ଜଣାଇଛି । କେଉଁ ଦ୍ୱାରରେ କିଏ ରକ୍ଷକ, ସବୁ ଜଣାଇଲା ଏପରିକି ରୁଦ୍ର ସୁଧାନିଧିକୁ ସ୍ୱପ୍ନରେ ସେ କନ୍ୟା ଦେଖିବା ଓ ମନ୍ତ୍ରୀ ଦୁହିତା ସଖି ଚିତ୍ରବତୀଠାରୁ ରୁଦ୍ରସୁଧାନିଧିର ଚିତ୍ରପଟ୍ଟ ଦେଖି ତା' ପ୍ରତି ତା'ର ଢଳିଥିବା ପ୍ରଣୟର ଘଟଣା ମଧ୍ୟ ବର୍ଣ୍ଣନା କରିଛି ଏବଂ ରୁଦ୍ର

ସୁଧାନିଧିଙ୍କୁ ରାତିଦିନ ଝୁରୁଥିବାର ଖବର କାମାନନ୍ଦ ଜାଣି ତା'ର ବିରହ ବେଦନା ଦୁଇଗୁଣ ହୋଇଗଲା । କାମପୀଡ଼ାରେ ଆକୁଳ ହୋଇ କ'ଣ କରିବ କାମାନନ୍ଦ ଉପାୟ ଖୋଜିବୁଲିଛି ଏବଂ ବାର ସହସ୍ର ଆଠଶ ଭୂତଙ୍କୁ ଲାଗିବା ପାଇଁ କହିଲା । ବେତାଳଙ୍କୁ କହିଲା ହାତୀ ଘୋଡ଼ା ଖୋଲିଦିଅ । ଚଣ୍ଡମାନଙ୍କୁ କହିଲା ଅଗ୍ନି ଜାଳିଦିଅ । ପିଶାଚମାନଙ୍କୁ କହିଲା ପିଲାଙ୍କୁ ଡରାଅ । ଯୋଗ୍ନୀମାନଙ୍କୁ କହିଲା ବିକଟାଳ ରଡ଼ି କର । ଅନିଳ ଖଚରକୁ କହିଲା ଛ' ପବନ ରୂପ ହୋଇ କନ୍ୟାକୁ ଉଡାଇ ଆଣିବୁ । ଏହିପରି ଉପସର୍ପ ଦ୍ରାକ୍ଷିଣୀ, ଉଗ୍ରଚଣ୍ଡୀ, ବ୍ରହ୍ମକୁମାର, ଚଣ୍ଡ, ଶକୁନି, ସୂଚିମୁଖ, ସାଗୁଣିଚଣ୍ଡି, ଭାରିଜାଦ୍ରକ୍ଷିଣୀ, ପ୍ରେତ, ଶୃଗାଳମୁଖା ଚଣ୍ଡ ଇଷ୍ଟପଦି ମାତୃକା, ଚତୁଷଷ୍ଠୀ ଯୋଗ୍ନୀ ସଭିଙ୍କୁ ନିର୍ଦ୍ଦେଶ ଦେଲା- ତୁମେ ସବୁ ଯାଅ କଟକରେ ପଶି ଅରିଷ୍ଟି ଉତ୍ପାତ ଭୟ, ଗୋଳମାଳ ସୃଷ୍ଟି କର । କିନ୍ତୁ ରାଜା ବାସୁଦେବଙ୍କୁ ସୁମରଣା କରିବାମାତ୍ରେ ସେଠାରେ ଆବିର୍ଭାବ ହୋଇ ସମସ୍ତଙ୍କୁ ରକ୍ଷା କରିଛନ୍ତି । ତା'ପରେ ସେ ଭୈରବ ଚଣ୍ଡୀକୁ ପଠାଇଛି । ଭୈରବ ଚଣ୍ଡୀ ଚକ୍ରଦ୍ୱାରା ଆଘାତ ପାଇ ଫେରିଛି । ତା'ପରେ ଅନୀଳ ଖଚରର ପରାମର୍ଶ ଦେଲା ଯେ ସେ ରୁଦ୍ର ସୁଧାନିଧିଙ୍କୁ ବିବାହ କରିସାରି ନିଜ ରାଜ୍ୟରେ ପ୍ରବେଶ କଲା ସମୟରେ ଆଉ ସେଠାରେ ଚକ୍ର ନଥିବ । ନିମିଷମାତ୍ରକେ ଆମ୍ଭେ କନ୍ୟାକୁ ଉଠାଇ ନେବୁ । ତେଣୁ ଆମେ ରୁଦ୍ର ସୁଧାନିଧି ସାଙ୍ଗେ ଶଠ ମିତ୍ରତା କରିବା ଉଚିତ ।

ଏହାପରେ କାମାନନ୍ଦ ଓ ତା'ର ସହଯୋଗୀମାନେ ବସୁଧାମଣ୍ଡଳ କଟକରେ ପ୍ରବେଶ ହେଲେ । ଅମୃତ ତରଙ୍ଗିଣୀ ନଦୀ କୂଳରେ କୈବର୍ତ୍ତମାନେ କାମାନନ୍ଦକୁ ନଦୀପାର ନକରିବାରୁ ସେ କୃଷ୍ଣାଜିନ ଛାଲ ସାହାଯ୍ୟରେ ନଦୀ ପାର ହୋଇଛି । ସେ ତା'ର ଚମତ୍କାର ଶକ୍ତି ଓ ଇନ୍ଦ୍ରଜାଲ ସାହାଯ୍ୟରେ ରାଜ୍ୟବାସୀଙ୍କୁ ମୋହିତ କରିଛି । ତା'ର ଋଦ୍ଧି ସିଦ୍ଧି ଓ ଚମତ୍କାର ଦ୍ୱାରା ଲୋକେ ପ୍ରଭାବିତ ହୋଇଛନ୍ତି । ମନୋହରିଣୀ ଦାକ୍ଷିଣୀ ଅନ୍ତଃପୁରର ନାରୀମାନଙ୍କୁ ପ୍ରେରିତ କରିଛି ଓ ନାରୀମାନେ କୁମରକୁ ପ୍ରବର୍ତ୍ତାଇଛନ୍ତି । ମନ୍ତ୍ରୀପୁତ୍ର ବାସୁଦେବଙ୍କ ସହିତ ନିଜର ସୈନ୍ୟବାହିନୀ ନେଇ କାମାନନ୍ଦ ପାଖକୁ ଯାଇଛନ୍ତି । ଉଭୟଙ୍କ ଭିତରେ ବନ୍ଧୁତା ବଢ଼ିଛି । କାମାନନ୍ଦର ଯୋଗ ସିଦ୍ଧି ରୁଦ୍ର ସୁଧାନିଧିଙ୍କୁ ପସନ୍ଦ ଆସିଛି । ରାଜାଙ୍କ ଅନୁମତିକ୍ରମେ ରାଜସଭାରେ ପ୍ରବେଶ କରିଛି ।

ଏକଦା କାମାନନ୍ଦ ତା'ର ଯୋଗବଳରେ ମଧୁ ଓ ମାଳତୀର ସୁଲାଳିତ୍ୟ କଣ୍ଠରେ ରାଜସଭା ମଧ୍ୟରେ ସୁନ୍ଦରୀ ଅବିଦ୍ୟା ମୃତ ସଞ୍ଜିବନୀର ରୂପ ଗୁଣର ଗାୟନ କରିଛନ୍ତି ଏବଂ ରାଜସଭାରେ ଉପସ୍ଥିତ ରାଜା ଅନଙ୍ଗ ପଦ୍ମାକର, ରାଜପାରିଷଦ, ରୁଦ୍ରସୁଧାନିଧି ଓ କାମାନନ୍ଦ ସଭିଏଁ ଉପସ୍ଥିତ ଥିଲେ । ଆଖି, ଓଠ, ମୁଖ ଓ ଦନ୍ତର ବର୍ଣ୍ଣନା ସହିତ କାହାଣୀଟି ଅସମାପ୍ତ ରହିଯାଇଛି ।

**ରୁଦ୍ର ସୁଧାନିଧିର ଭାଷାତାତ୍ତ୍ୱିକ ଅଧ୍ୟୟନ :**

ଗୂଢ଼ ଆଧାତ୍ମିକ ଯୋଗ, ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ, ଜ୍ୟୋତିଷ, ପ୍ରକୃତି ପୁରୁଷତତ୍ତ୍ୱକୁ ଆଧାର କରି ନାରାୟଣାନନ୍ଦ ଅବଧୂତ ସ୍ୱାମୀଙ୍କ ବିରଚିତ ରୁଦ୍ର ସୁଧାନିଧି ଏକ ବିଲକ୍ଷଣ ଶୈବ ସାହିତ୍ୟ ପଦ୍ୟାତ୍ମକ ଶୈଳୀରେ ରଚିତ ଏକ ଗଦ୍ୟ ସାହିତ୍ୟ, ଓଡ଼ିଆ ସାହିତ୍ୟ ବିକାଶ କ୍ରମରେ ଏକ ଅଦ୍ୱିତୀୟ ବିସ୍ମୟ । ଏଥିରେ ବର୍ଣ୍ଣିତ ସ୍ତୁତି, ପ୍ରାର୍ଥନା, ରୂପ ବ୍ୟଞ୍ଜନା, ପ୍ରକୃତି ଚିତ୍ରଣ, ସାଧନା ପଦ୍ଧତି, ପ୍ରତୀକାତ୍ମକ ଆଧାତ୍ମ ଦର୍ଶନ ଅତୀବ ଉଚ୍ଚକୋଟୀର । ଗ୍ରନ୍ଥଟି ସଂପୂର୍ଣ୍ଣ ଓ ଏହାର ରଚନାକାଳକୁ ନେଇ ଅନେକ ମତ ପାର୍ଥକ୍ୟ ଥିଲେ ମଧ୍ୟ ଏହା ଓଡ଼ିଆ ସାହିତ୍ୟ ଜଗତ ପାଇଁ ଏକ ଅମୂଲ୍ୟ ଉପହାର । ଏଥିରେ ନିହିତ ଅଗାଧ ଜ୍ଞାନ, ଭାଷା, ତତ୍ତ୍ୱ ଓ ତଥ୍ୟ ପାଠକ ପାଇଁ ଅତ୍ୟନ୍ତ ଜ୍ଞାନଗର୍ଭକ, ଭାବବ୍ୟଞ୍ଜକ ମଧ୍ୟ । ରଚୟିତାଙ୍କ ଗଭୀର ପାଣ୍ଡିତ୍ୟ, ତତ୍ତ୍ୱଦର୍ଶିତା, ସାଧନା ଓ ଜ୍ଞାନର ଏହି ଦିବ୍ୟ ପରିପ୍ରକାଶ, ସଂସ୍କୃତ ଗଦ୍ୟ କାବ୍ୟର ଅନୁଶୀଳନରେ ଗ୍ରନ୍ଥଟି ଅଳଙ୍କାରଯୁକ୍ତ ଶୈଳୀରେ ରଚିତ ।

ଏହି ଗ୍ରନ୍ଥରେ ବର୍ଣ୍ଣିତ ତତ୍‌ସମ ଶବ୍ଦ ଅଧିକାଂଶ ଅଛି । କାରଣ ଯେହେତୁ ଗ୍ରନ୍ଥଟି ଆଧାତ୍ମ, ଯୋଗ, ଦେବସ୍ତୁତି ଆଧାରିତ ।

ଉଦାହରଣ- ସର୍ବତ୍ର, ଉର୍ଦ୍ଧ, ପତ୍ର, ବ୍ରହ୍ମାଣ୍ଡ, ବେଦ, ଧ୍ୟାନ, ଭୂବନ, ଚକ୍ର, ବିଭେଦନ, ମହାମୁଦ୍ରା, ନିର୍ବିନ୍ଧ, ମାୟା, ମୃଗତୃଷ୍ଣା, ନରାକୃତି, ପଦ୍ମାସନ, ପୂର୍ଣ୍ଣ, ନିର୍ମଳ, ସ୍ନିଗ୍ଧ, ବିଦଗ୍ଧ, କଟାକ୍ଷ,

**ତଦ୍‌ଭବ ଶବ୍ଦର ବ୍ୟବହାର :**

ତଇଲୋକ-ତ୍ରିଲୋକ, ମଉଳି-ମୌଳି, ଚଇତନ-ଚୈତନ୍ୟ, ଦରଶନ-ଦର୍ଶନ, ପରାକୃତ-ପ୍ରାକୃତ, ପରକାଶ-ପ୍ରକାଶ, ଅଇଶ୍ୱର୍ଯ୍ୟ, ନିଚଳ, ତିରଣ, ତେର, ଦୂତି, ଗୋଡି, ମଞ୍ଜାରି, କୁକୁଡ଼ା, ଦାଇକ, ଶିଖରା, ମଇଁଷି, ଜୁଆଳି ।

**ପ୍ରାଚୀନ ଶବ୍ଦର ପ୍ରୟୋଗ :**

ପରିମାଣିବା, ଧଡ଼ସି, ଦ୍ରହାସ, ନିଚୟେ, ହୋ ଅନ୍ତେ, ପୁଣ୍ଡକଲା, ଘସା, ଦିଶଇ, ନଦି, ଜାଣହ, କାହିଂ, ପାଇଂ, ନାହିଂ, ଯହୁଂ, ଦାରଇଂ, ବଇଂଶୀ, ଚହଂକଇ, ମୁଂ, ଜାଣିମେ, କେଉଣ, ଓଥାକେ, ପ୍ରାଏକ, ଏଥିଉତ୍ତାରେ, ଯେବଣ, ଯାକେ, ଗମିଲେ, ହକାରୀ, ଶୁଣିମି ।

**ସହାୟକ ଗ୍ରନ୍ଥ :**


୧. କୁଞ୍ଜବିହାରୀ ତ୍ରିପାଠୀ । ପ୍ରାଚୀନ ଓଡ଼ିଆ ଗଦ୍ୟ ସଂକଳନ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର, ପ୍ରଥମ ସଂସ୍କରଣ,୧୯୮୨ ।

୨. ମହାପାତ୍ର, ଧନେଶ୍ୱର । ସାରଳା ମହାଭାରତର ଭାଷାତାତ୍ତ୍ୱିକ ଅନୁଶୀଳନ, ଫ୍ରେଣ୍ଡ୍ସ ପବ୍ଲିଶର୍ସ, କଟକ, ତୃତୀୟ ସଂସ୍କରଣ, ୨୦୧୩ ।

୩. ମହାନ୍ତି, ଦେବେନ୍ଦ୍ର । ପ୍ରାଚୀନ ଓଡ଼ିଆ ସାହିତ୍ୟ, ପ୍ରଗତି ପବ୍ଲିଶର୍ସ, କଟକ, ପ୍ରଥମ ପ୍ରକାଶ, ୧୯୬୨ ।

୪. ନାୟକ କଳ୍ପତରୁ । ଭାଗବତର ଭାଷା ବିଶ୍ଳେଷଣ, ମିତା ବୁକ୍ସ, କଟକ, ପ୍ରଥମ ପ୍ରକାଶ, ୨୦୧୭ ।

୫. ଦାସ, ହରପ୍ରସାଦ । ଆଧୁନିକତାର ପରମ୍ପରା, ଜଗନ୍ନାଥ ରଥ, ବିନୋଦ ବିହାରୀ, କଟକ, ପ୍ରଥମ ସଂସ୍କରଣ, ୨୦୧୦ ।

ନାରାୟଣ ନନ୍ଦ, ଅବଧୂତ ସ୍ୱାମୀ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର, ପ୍ରଥମ ମୁଦ୍ରଣ, ୧୯୬୫ ।

୭. ମହାନ୍ତି, ଆର୍ତ୍ତବଲ୍ଲଭ । ପ୍ରାଚୀନ ଗଦ୍ୟ ପଦ୍ୟାଦର୍ଶ, ଉତ୍କଳ ବିଶ୍ୱବିଦ୍ୟାଳୟ, କଟକ, ୧୯୩୨ ।

୮. ମିଶ୍ର, ପଣ୍ଡିତ ନୀଳମଣି । ପ୍ରାଚୀନ ଓଡ଼ିଆ ଲିପି, ଭାଷା ଓ ସାହିତ୍ୟ; ଗ୍ରନ୍ଥ ମନ୍ଦିର, କଟକ, ପ୍ରଥମ ମୁଦ୍ରଣ, ୧୯୭୬ ।

୯. ସାହୁ, କୃଷ୍ଣଚରଣ । ପ୍ରାଚୀନ ସାହିତ୍ୟ, ଜନଶକ୍ତି ପୁସ୍ତକାଳୟ, କଟକ, ଦ୍ୱିତୀୟ ମୁଦ୍ରଣ, ୧୯୯୨ ।

୧୦. ଶତପଥୀ, ନାରାୟଣ । ପ୍ରାକ୍-ସାରଳା ଭାଷା ଓ ସାହିତ୍ୟ, ଫ୍ରେଣ୍ଡ୍ସ ପବ୍ଲିଶର୍ସ, କଟକ, ପ୍ରଥମ ସଂସ୍କରଣ, ୧୯୯୧ ।

୧୧. ମହାନ୍ତି, ବଂଶୀଧର । ଓଡ଼ିଆ ସାହିତ୍ୟର ଇତିହାସ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ୧୯୮୨ ।

୧୨. ମହାନ୍ତି, ବଂଶୀଧର । ଓଡ଼ିଶାରେ ନାଥଧର୍ମ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ୧୯୮୨ ।

୧୩. ପଟ୍ଟନାୟକ, ପଠାଣି । ରୁଦ୍ରସୁଧାନିଧି, ଭାରତୀୟ ଗଦ୍ୟସାହିତ୍ୟର ଐଶ୍ୱର୍ଯ୍ୟ, ଓଡ଼ିଆ ସାହିତ୍ୟର ଇତିହାସ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ୧୯୮୨ ।



ବରିଷ୍ଠ ଗବେଷକ
ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର,
ଭୁବନେଶ୍ୱର-୨